ଓ.ୟୁ.ଏ.ଟି ପବ୍ଲିକେସନ ସଂଖ୍ୟା: ୨୦୨୪୧୨୦୩୯୪

# ମକା ଫସଲରେ ସମନ୍ୱିତ ରୋଗପୋକ ପରିଚ୍ଳଳନା

ସଂପାଦନା:
**ଡଃ ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ଲେଖକ:
**ଡଃ ସଞ୍ଜୀବ କୁମାର ମାଣ୍ଡି**
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)




ବିଷୟବସ୍ତୁ:
**ଡଃ ସୁଶ୍ରୀ ଚୌଧୁରୀ**
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

**ଶ୍ରୀ ଜୟଶଙ୍କର ପ୍ରଧାନ**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

**ଶ୍ରୀ ଜାନୁଆରିୟସ୍ କୁଜୁର**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଇଞ୍ଜିନିୟରିଂ)

କୃଷି ବିଜ୍ଞାନ କେନ୍ଦ୍ର
ରା. ଉଦୟଗିରି, ଗଜପତି-୭୬୧୦୧୬
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ମକା ଫସଲରେ
# ସମନ୍ୱିତ ରୋଗପୋକ ପରିଚାଳନା




**ସଂପାଦନା:**
**ଡଃ ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ଲେଖକ:**
**ଡଃ ସଞ୍ଜୀବ କୁମାର ମାଣ୍ଡି**
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

**ବିଷୟବସ୍ତୁ:**
**ଡଃ ସୁଶ୍ରୀ ଚୌଧୁରୀ**
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)
**ଶ୍ରୀ ଜୟଶଙ୍କର ପ୍ରଧାନ**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)
**ଶ୍ରୀ ଜାନୁଆରିୟସ୍ କୁଜୁର**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଇଞ୍ଜିନିୟରିଂ)

**କୃଷି ବିଜ୍ଞାନ କେନ୍ଦ୍ର**
ରା. ଉଦୟଗିରି, ଗଜପତି-୭୬୧୦୧୬
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ମୁଖ୍ୟ ସମ୍ପାଦକ : ଡଃ ସଂଗ୍ରାମ ପରମଗୁରୁ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ଲେଖକ : ଡଃ ସଂଜୀବ କୁମାର ମାଣ୍ଡି
ବିଷୟବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ବିଷୟବସ୍ତୁ : ଡଃ ସୁଶ୍ରୀ ଚୌଧୁରୀ
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)
ଶ୍ରୀ ଜୟଶଙ୍କର ପ୍ରଧାନ
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)
ଶ୍ରୀ ଜାନୁଆରିୟସ୍ କୁଜୁର
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଇଞ୍ଜିନିୟରିଂ)

ଓ.ୟୁ.ଏ.ଟି ପବ୍ଲିକେଶନ ନଂ : ୨୦୨୪୧୨୦୩୯୪
2024120394

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ଗଜପତି
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ପ୍ରକାଶ କାଳ : ୨୦୨୪-୨୫

# ମକା ଫସଲରେ ସମନ୍ୱିତ ରୋଗପୋକ ପରିଚାଳନା

ଗଜପତି ଜିଲ୍ଲାର ମୋହନା, ରା ଉଦୟଗିରି, ନୂଆଗଡ଼, ରାୟଗଡ଼ା ବ୍ଲକ୍‌ରେ ଖରିଫ୍ ଋତୁରେ ବହୁଳ ଭାବେ ମକା ଚାଷ କରାଯାଇଥାଏ । ଖରିପ୍ ଋତୁରେ ଜିଲ୍ଲାରେ ପ୍ରାୟ ୧୨,୦୦୦ ହେକ୍ଟର ଏବଂ ରବି ଋତୁରେ ପ୍ରାୟ ୩୦୦ ହେକ୍ଟର ଜମିରେ ମକା ଚାଷ ହୋଇଥାଏ ଏବଂ ହେକ୍ଟର ପ୍ରତି ହାରାହାରି ୪୦ କୁଇଣ୍ଟାଲ ପର୍ଯ୍ୟନ୍ତ ଉତ୍ପାଦକତା ହାସଲ ହୋଇଥାଏ ।

ଗୋଖାଦ୍ୟ, କୁକୁଡ଼ାଖାଦ୍ୟ, ମଣିଷ ଖାଦ୍ୟ ତଥା କର୍ଣ୍ଣଫ୍ଲେକ୍ସ ପରି ବିଭିନ୍ନ ଶିଳ୍ପର କଞ୍ଚାମାଲ୍ ଭାବେ ମକା ମଞ୍ଜି ବ୍ୟବହାର ହୋଇଥାଏ । ବିଭିନ୍ନ ପ୍ରକାର ରୋଗ ଓ ପୋକ ମକା ଫସଲକୁ ଆକ୍ରମଣ କରି ଏହାର ଅମଳ ହ୍ରାସ ଘଟାଇଥାନ୍ତି । ଏଥି ମଧ୍ୟରୁ ରୋଗ ୧୩.୨ ପ୍ରତିଶତ, ପୋକ ୧୪.୩ ପ୍ରତିଶତ, ଘାସ ୯ ପ୍ରତିଶତ, ପକ୍ଷୀ ୭ ପ୍ରତିଶତ ଓ ମୂଷା ୫ ପ୍ରତିଶତ ଫସଲ ନଷ୍ଟ କରିଥାନ୍ତି । ତେଣୁ ସମନ୍ୱିତ ପ୍ରଣାଳୀରେ ରୋଗପୋକ ପରିଚାଳନା କରିଲେ ଏ କ୍ଷତିକୁ କିଛି ଅଂଶରେ ପ୍ରତିହତ କରାଯାଇପାରିବ ଏବଂ ଅଧିକ ଅମଳ ମିଳିପାରିବ ।

## ମକା ଫସଲରେ ଦେଖାଯାଉଥିବା ରୋଗ :

### (୧) ପତ୍ରପୋଡ଼ା ରୋଗ :

ସବୁ ମକାଚାଷ ହେଉଥିବା ସ୍ଥାନରେ ଏହି ରୋଗ ପ୍ରାୟ ଦେଖାଯାଏ । ପ୍ରଥମେ ପତ୍ର ଉପରେ କ୍ଷୁଦ୍ର ହୀରାଖଣ୍ଡ ଆକୃତିର ଦାଗ ଦେଖାଯାଏ ଏବଂ କ୍ରମଶଃ ଏହା ବଢ଼ିଥାଏ । ଦୁଇ ପାଖରେ ଥିବା ଶିରା ଯୋଗୁଁ ଦାଗ ଚଉଡ଼ାରେ ନ ବଢ଼ି ଲମ୍ବରେ ବଢ଼ିଯାଏ ଓ ଶେଷରେ ଆୟତାକାର ହୋଇଯାଏ । ଏହି ଦାଗଗୁଡ଼ିକର ଧାର ଗାଢ଼ ବାଦାମୀ ହୋଇଥିବା ବେଳେ ମଝିଅଂଶ ନାଲି ବାଦାମୀ ରଙ୍ଗର । ଲକ୍ଷଣଗୁଡ଼ିକ ମୁଖ୍ୟତଃ ପତ୍ରରେ ଦେଖାଯାଉଥିଲେ ହେଁ ପତ୍ରାଛାଦ, କାଣ୍ଡ ଓ ମକାରେ ମଧ୍ୟ ଦେଖାଯାଏ । ଅଧିକ ଆପେକ୍ଷିକ ଆର୍ଦ୍ରତା ଓ ଉଷ୍ମ ଜଳବାୟୁ (୨୦-୨୫°ସେ.) ଏହି ରୋଗ ପାଇଁ ଅଧିକ ଅନୁକୂଳ ।

## (୨) ନିମ୍ନମୁଖୀ ପାଉଁଶିଆ ରୋଗ :

ଏହି ରୋଗର ଲକ୍ଷଣ ଭାବେ ପ୍ରଥମେ ଉପର ପତ୍ରଗୁଡ଼ିକ ମୋଡ଼ି ହୁଏ ବା ବଙ୍କା ହୋଇଯାଏ । ଧୀରେ ଧୀରେ ଚଅଁର ମୋଡ଼ି ହୋଇ ଗୋଛାଳିଆ ଦେଖାଯାଏ । ଆକ୍ରାନ୍ତ ଗଛ ରୁଗୁଡ଼ିଆ ହୁଏ ଓ ପତ୍ର ହଳଦିଆ ପଡ଼ି ଶୁଖିଯାଏ ।

## (୩) କାଣ୍ଡସଢ଼ା ରୋଗ :

ଏହା ଏକ ବୀଜାଣୁ ଜନିତ ସଢ଼ା ରୋଗ । ଅଳ୍ପ ବୟସର ଗଛ ଓ ପୁରୁଣା ଗଛ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି । ମାଟି ଉପରୁ ଚଅଁର ପର୍ଯ୍ୟନ୍ତ ଗଛର ଯେକୌଣସି ଅଂଶରେ ଅନିୟମିତ ଭାବେ ପାଣି ପୋଚକାଦାଗ ଦେଖାଯାଏ । ତଳ ଗଣ୍ଠିରେ ପଚାଦାଗ ଦେଖାଯାଏ । ତା'ପରେ ଉପର ଓ ତଳକୁ ଏହା ବ୍ୟାପିଯାଏ । ପଚା ଅଂଶରୁ ଏକ ମୃଦୁ ପଚାଗନ୍ଧ ବାହାରେ ଏବଂ ଗଛ ତଳେ ପଡ଼ିଯାଏ ।

ଅଧିକ ତାପମାତ୍ରା (୩୦°ସେ. ରୁ ଅଧିକ) ଆର୍ଦ୍ରତା ସହିତ ଅଧିକ ଜଳସେଚନ କଲେ ବା ପାଣି ଜମୁଥିବା ଜମିରେ ଏହି ରୋଗ ଅଧିକ ହୁଏ ।

## (୪) ବାଦାମୀ ଦାଗ :

ଏହି ରୋଗ ହେଲେ ପ୍ରଥମେ ପତାଛାଦ ଏବଂ କାଣ୍ଡରେ ଏକ ଛୋଟ ପାଣି ପୋଚକା ଡିମ୍ବାକୃତି ବା ଗୋଲାକାର ହଳଦିଆ ରଙ୍ଗର ଦାଗ ଦେଖାଯାଏ । ଏହି ଦାଗଗୁଡ଼ିକ ଗାଢ଼ ରଙ୍ଗ ହୋଇ ଶେଷରେ ବାଦାମୀ ଓ ନାଲି ବାଦାମୀ ରଙ୍ଗ ହୁଏ ଓ ଏହାର ଧାର ଫିକା ରହେ । କେତେକ ଦାଗ ଏକାଠି ମିଶିଯାଇ ବାଦାମୀ ରଙ୍ଗର ବଡ଼ ଦାଗରେ ପରିଣତ ହୁଅନ୍ତି । ମଝିଶିରା ଓ ପତ୍ରାଛାଦରେ ସୃଷ୍ଟି ହେଉଥିବା ଦାଗ ପତ୍ରଫଳକର ଦାଗ ଠାରୁ ବଡ଼ ଓ ଅନିୟମିତ ଆକୃତିର ହୋଇଥାଆନ୍ତି ଓ କାଣ୍ଡ ଗଣ୍ଠିରୁ ଆକ୍ରାନ୍ତ ହୋଇଥିବା ସ୍ଥାନରୁ ଭାଙ୍ଗିଯାଏ ।

## (୫) ସାଆରା (ସ୍ମଟ୍) ରୋଗ :

ମାଟି ଉପରେ ଥିବା ଗଛର ସବୁ ଅଂଶରେ ଏହି ରୋଗ ଦେଖାଯାଏ । ମକାରେ ବଢୁଥିବା ଅଗ, ଚଅଁର, କାହାଳୀ, କାଣ୍ଡ ଓ ପତ୍ରରେ ଏହା ଦେଖାଯାଇଥାଏ । କାହାଳୀଗୁଡ଼ିକ ଚିକ୍କଣ, ସବୁଜିଆରୁ ରୂପେଲୀ ଧଳା ରଙ୍ଗର ପେଶୀ ଦ୍ୱାରା ଆବୃତ ହୋଇଥାଏ । ଏହି କାହାଳୀର ଭିତର ଅଂଶ ଗୁଣ୍ଡ ହୋଇଯାଏ । ପତ୍ରରେ କାହାଳୀ ହେଲେ ଏହା କ୍ଷୁଦ୍ର, କଠିନ ଓ ଶୁଷ୍କ ହୁଏ,

କିନ୍ତୁ ଫାଟି ନ ଥାଏ। କାଣ୍ଡର ତଳ ଅଂଶରେ କାହାଲୀ ହେଲେ ମକା ଫଳି ନ ଥାଏ ବା ଛୋଟ ମକା ହୋଇଥାଏ। ଅଳ୍ପ ବୟସର ଗଛରେ କାହାଲୀ ହେଲେ ଗଛ ରୁଗୁଡ଼ିଆ ହୁଏ କିମ୍ବା ଗଛ ମରିଯାଏ।

## (୬) କଳଙ୍କି ରୋଗ :

ପତ୍ରର ଉଭୟ ପାର୍ଶ୍ୱରେ ଛୋଟ, ନାଲିଆ, ବାଦାମୀ ଗୋଲାକାରରୁ ଲମ୍ବାଳିଆ ଦାଗ ଦେଖାଯାଏ। ଏହାର ଚାରିପଟେ ହଳଦିଆ ଦାଗ ବେଢ଼ି ରହିଥାଏ। ଅତ୍ୟଧିକ ଆକ୍ରମଣ ହେଲେ ପତ୍ର ହଳଦିଆ ପଡ଼ି ଗଛ ମରିଯାଏ।

## (୭) ଝାଉଁଳା ରୋଗ :

ଗଛ ଛୋଟ ଅବସ୍ଥାରେ ମାଟିରେ ଅଧିକ ଜଳୀୟାଂଶ ଥିଲେ ଏହି ରୋଗ ଆକ୍ରମଣ କରେ। ଛୋଟ ମକା ଗଛର ମାଟି ଉପରେ ଥିବା କାଣ୍ଡ ଓ ପତ୍ର ଉପରେ ପାଣିପୋଚକା ଦାଗ ଦେଖାଯାଏ। କନ୍ଦାରୁ ଖୋଲିବା ପୂର୍ବରୁ କଅଁଳିଆ ପତ୍ର ହଳଦିଆ ପଡ଼ି ଶୁଖିଯାଏ। ରୋଗ ଅଧିକ ମାତ୍ରାରେ ଆକ୍ରମଣ କଲେ କାଣ୍ଡ ପତଳା ହୋଇ ଧୀରେ ଧୀରେ ମରିଯାଏ। ମକାଗୁଡ଼ିକ ଛୋଟ ଓ ନିମ୍ନମାନର ହୋଇଥାଏ।

# ମକା ଫସଲରେ ଦେଖାଯାଉଥିବା ପୋକ :

## (୧) କାଣ୍ଡବିନ୍ଧା ପୋକ :

ସଦ୍ୟଜାତ ଶୂକ ପତ୍ରର ସବୁଜକଣା କୋରି ଖାଇଥାଏ ଓ ତା'ପରେ ପତ୍ରଗୁଚ୍ଛ ମଧ୍ୟ ଦେଇ କାଣ୍ଡକୁ କଣା କରିଥାଏ। ପ୍ରଥମେ ମଝି ପତ୍ରଟି ଶୁଖି ମରିଯାଏ, ଯାହାକୁ ଧରି ଭିଡ଼ିଲେ ବାହାରି ଆସେ। ଗଛ ବଡ଼ ହୋଇଗଲେ ମକା ପତ୍ରରେ ଧାଡ଼ି ଧାଡ଼ି ହୋଇ ଟିକି ଟିକି ଗୁଳିବିଦ୍ଧ କଣାମାନ ଦେଖାଯାଏ। କାଣ୍ଡକୁ ଚିରିଦେଲେ ଶୂକ କରିଥିବା ସୁଡ଼ଙ୍ଗ ପଥ ଦେଖିବାକୁ ମିଳେ।

## (୨) ଭଣ୍ଡାଖିଆ ପୋକ :

ମକା ଫଳୁଥିବା ସମୟରେ ଏକ ପ୍ରକାର ସବୁଜ ରଙ୍ଗର ପୋକର ଶୂକ ମକାକୁ ଆକ୍ରମଣ କରି ତା' ଭିତରେ ଥିବା ମଞ୍ଜିଗୁଡ଼ିକୁ ଖାଇଯାଏ। ତେଣୁ ଉପରୁ ସୁସ୍ଥ ଦେଖାଯାଉଥିଲେ ବି ପ୍ରକୃତ ପକ୍ଷେ ମକାରୁ ଅଧିକ ମଞ୍ଜି ଅମଳ ହୁଏ ନାହିଁ।

## (୩) ଫଲ୍ ଆର୍ମି ୱର୍ମ :

ଏହି ପୋକର ମୁଣ୍ଡ ଉପରେ ଓଲଟା ଇଂରାଜୀ Y ଭଳି ଧଳା ଚିହ୍ନ ଥାଏ। ମକା ଗଜା ହେବାର ୧୦-୧୨ ଦିନ ଠାରୁ ଅମଳ ପର୍ଯ୍ୟନ୍ତ ଏହି

କୀଟର ଶୂକ କ୍ଷତି କରିଥାଏ । ଶୂକ ପତ୍ର ଖାଇବା ଦ୍ୱାରା ପତ୍ରରେ ଧଳା କୋରିଖିଆ ଦାଗ ଦେଖାଯାଏ । ପରେ ଦାଗଗୁଡ଼ିକ କଣା ହୋଇଯାଏ । ଗଛ ବଡ଼ ହେଲେ ଶୂକମାନେ ପତ୍ର ସନ୍ଧାରେ ପଶି କ୍ଷତି କରିଥାନ୍ତି ଓ ମକାଗୁଡ଼ିକୁ ମଧ୍ୟ ଖାଇ ଦେଇଥାନ୍ତି ଓ ପତ୍ର ସନ୍ଧାରେ ମେଞ୍ଚା ମେଞ୍ଚା ମଳତ୍ୟାଗ କରିଥାନ୍ତି ।

## (୪) ଜଉପୋକ :

ଜଉପୋକ ପତ୍ରରୁ ରସ ଶୋଷିବା ଦ୍ୱାରା ଗଛ ହଳଦିଆ ପଡ଼ିଯାଏ । ରୋଗାକ୍ରାନ୍ତ ଗଛ ପାକଳ ଅବସ୍ଥାରେ ରୁଗୁଡ଼ିଆ ଦେଖାଯାଏ ଏବଂ କମ୍ ଦିନର ଗଛ ଆକ୍ରାନ୍ତ ହେଲେ ଚଅଁର ବାହାରିପାରେ ନାହିଁ ଏବଂ ମକା ହୁଏ ନାହିଁ ।

## (୫) ଉଇ :

ଉଇ ମକା ଗଛର ମୁଖ୍ୟ ଚେର ଓ ପାର୍ଶ୍ୱଚେରକୁ ଆକ୍ରମଣ କରି କାଣ୍ଡରେ ମାଟି ଭର୍ତ୍ତି କରିଦିଏ ଏବଂ ଅଳ୍ପ ପବନରେ ଗଛ ପଡ଼ିଯାଏ ।

# ସମନ୍ୱିତ ରୋଗପୋକ ପରିଚାଳନାର ବିଭିନ୍ନ ପଦ୍ଧତି :

## ଚାଷ ପଦ୍ଧତି :

(କ) ଫସଲର ଅବଶେଷ ନଷ୍ଟ କରି ଦିଅନ୍ତୁ ଓ ଗଭୀର ଖରାଟିଆ ହଳ କରନ୍ତୁ । ଏହାଦ୍ୱାରା ମାଟିରେ ଥିବା ପୋକ ଓ ରୋଗ ଜୀବାଣୁ ନଷ୍ଟ ହୋଇଯାଇଥାଏ ।

(ଖ) ଅଣ ପୋଷକ ଫସଲ ନେଇ ଉତ୍ତମ ଫସଲ ପର୍ଯ୍ୟାୟ ଗ୍ରହଣ କରନ୍ତୁ ।

(ଗ) ପୋକ ଦମନ ପାଇଁ ମଞ୍ଜି ବୁଣିବାର ୨-୩ ସପ୍ତାହ ପୂର୍ବରୁ ବର୍ଗମିଟର ପ୍ରତି ୧୦୦ ଗ୍ରାମ୍ ନିମ୍ବ ପିଡ଼ିଆ କିମ୍ବା ୨୦୦ ଗ୍ରାମ୍ ଶୁଖିଲା ଗୋବର ଖତ ପ୍ରୟୋଗ କରନ୍ତୁ ।

(ଘ) ପୋକ ନିୟନ୍ତ୍ରଣ ପାଇଁ ଫସଲ ପର୍ଯ୍ୟାୟରେ ରାଶି କିମ୍ବା ସୋରିଷ କିମ୍ବା କଲିକତି ଗେଣ୍ଡୁଚାଷ କରନ୍ତୁ ।

(ଙ) ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦେଖା ଦେଉଥିବା ରୋଗପୋକର ସହନଶୀଳ ବା ପ୍ରତିରୋଧୀ କିସମ ବିହନ ବ୍ୟବହାର କରନ୍ତୁ ।

(ଚ) ଠିକ୍ ସମୟରେ ବୁଣାବୁଣି ସାରିଲେ ଅଧିକ ଘାସ ହୁଏ ନାହିଁ ।

(ଛ) ସୁଷମ ସାର ଓ ଅଣୁସାର ପ୍ରୟୋଗ କଲେ ଅଧିକ ରୋଗ ପୋକ ଦେଖାଯାଏ ନାହିଁ ।

## ଯାନ୍ତ୍ରିକ ପଦ୍ଧତି :

(କ) ଫସଲର ଆକ୍ରାନ୍ତ ଅଂଶ ଓ ଅଣ୍ଡା ପୁଞ୍ଜ ସଂଗ୍ରହ କରି ନଷ୍ଟ କରି ଦିଅନ୍ତୁ ।

(ଖ) ଆଲୋକ ଯନ୍ତା, ସଙ୍ଗ ଆକର୍ଷକ ଯନ୍ତା ବା ଫେରୋମୋନ୍ ଯନ୍ତା ଆଦି ବ୍ୟବହାର କରି କାଣ୍ଡବିନ୍ଧା ପୋକ ଓ ଅନ୍ୟାନ୍ୟ ପୋକକୁ ଦମନ କରନ୍ତୁ । ମୂଷା ମାରିବା ପାଇଁ ସ୍ଥାନୀୟ ଯନ୍ତା ବସାନ୍ତୁ ।

(ଗ) ବିହନ ବୁଣିବାର ୨-୩ ସପ୍ତାହରେ ଥରେ ଓ ୬ ସପ୍ତାହରେ ଆଉଥରେ ଏପରି ଦୁଇଥର ହାତରେ ଘାସ ବାଛନ୍ତୁ ।

(ଘ) ମକା ଖାଉଥିବା ପକ୍ଷୀମାନଙ୍କୁ ଭୟଭୀତ କରିବା ପାଇଁ ପ୍ରତିଫଳନ କରୁଥିବା ଫିତା ଟାଙ୍ଗନ୍ତୁ ।

## ଜୈବ ନିୟନ୍ତ୍ରଣ ପଦ୍ଧତି :

**(କ) ସଂରକ୍ଷଣ :** କ୍ଷେତରେ ଡିମ୍ବ ପରଜୀବୀ ଟ୍ରାଇକୋଗ୍ରାମା ପ୍ରଜାତି, ଶୂକ ପରଜୀବୀ କଟେସିଆ, ବ୍ରାକନ୍, ଏରିଓବସ୍ ଓ ଶିକାରୀ ପୋକ ଯଥା- ଇନ୍ଦ୍ରଗୋପୀ ଭୃଙ୍ଗ, କାରାବିଡ଼୍ ଭୃଙ୍ଗ, ବୁଢ଼ିଆଣୀ ଓ ଗ୍ରୀନ୍ ଲେସ୍ ଉଇଙ୍ଗ୍ ଆଦି ପୋକ ସଂରକ୍ଷଣ କରନ୍ତୁ ।

**(ଖ) ସଂଖ୍ୟା ବୃଦ୍ଧି :** ମୃତ୍ତିକା ଜନିତ ରୋଗ ନ ହେବା ପାଇଁ ପ୍ରତି କି.ଗ୍ରା. ମଞ୍ଜିରେ ୪ ଗ୍ରାମ ହିସାବରେ ଟ୍ରାଇକୋଡ଼ର୍ମା ଭିରିଡ଼ି ଗୋଳାଇ ଜୈବିକ ବିହନ ବିଶୋଧନ କରନ୍ତୁ । କାଣ୍ଡବିନ୍ଧା ପୋକର ଅଣ୍ଡା ଦେଖାଗଲେ ଏକର ପ୍ରତି ଟ୍ରାଇକୋଗ୍ରାମା ଚିଲୋନିସ୍ ନାମକ ଅଣ୍ଡାନାଶୀ ପରାଶ୍ରୟୀ କୀଟ ଏକର ପ୍ରତି ୨୦,୦୦୦ କରି ମକାଗଛ ହେବାର ୨୦ ଦିନ ପରେ ୧୦ ଅନ୍ତରରେ ୬ ଥର ଛାଡ଼ନ୍ତୁ । ଭଣ୍ଡାଖିଆ ପୋକ ଓ ଫଲ୍ ଆର୍ମିଓ୍ୱର୍ମ ପୋକର ନିୟନ୍ତ୍ରଣ ପାଇଁ ବି.ଟି. ଜୈବ ବିଷ (ଡିପେଲ୍, ବାୟୋଡ଼ାର୍ଟ, ଡେଲ୍‌ଫିନ୍) ଏକର ପ୍ରତି ୫୦୦ ଗ୍ରାମ କିମ୍ବା ନିମ୍ବ ଜାତୀୟ କୀଟନାଶକ ଏକର ପ୍ରତି ୬୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ରାସାୟନିକ ନିୟନ୍ତ୍ରଣ ପଦ୍ଧତି:

## ପୋକ ନିୟନ୍ତ୍ରଣ :

| ପୋକ | ଅନୁମୋଦିତ କୀଟନାଶକ | ମାତ୍ରା (ଏକର ପ୍ରତି) | ପ୍ରତି ଲିଟର ପାଣିରେ |
|---|---|---|---|
| କାଣ୍ଡବିନ୍ଧା ପୋକ | ପ୍ରୋଫେନୋଫସ୍ ୫୦% ଇ.ସି.<br>ଫିପ୍ରୋନିଲ୍ ୫% ଏସ୍.ସି. | ୪୦୦ ମି.ଲି.<br>୨୦୦ ମି.ଲି. | ୨ ମି.ଲି.<br>୧ ମି.ଲି. |
| ଭଣ୍ଡାଖିଆ ପୋକ | ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫%<br>ପ୍ରୋଫେନୋଫସ୍ | ୪୦-୫୦ ମି.ଲି.<br>୪୦୦ ମି.ଲି. | ୦.୨ ମି.ଲି.<br>୨ ମି.ଲି. |
| ଫଲ୍ ଆର୍ମି ୱର୍ମ | ଇମାମେକ୍ଟିନ୍ ବେନ୍‌ଜଏଟ୍ ୫%ଏସ୍.ଜି | ୮୦ ଗ୍ରାମ୍ | ୦.୪ ଗ୍ରାମ୍ |
| ଜଉପୋକ | ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଲ୍. | ୬୦ ମି.ଲି. | ୦.୩ ମି.ଲି. |
| ଉଈ | କ୍ଲୋରୋପାଇରିଫସ୍ ୫୦% ଇ.ସି. | ୩୦୦ ମି.ଲି. | ୧-୨ ମି.ଲି. |

## ରୋଗ ନିୟନ୍ତ୍ରଣ :

| ରୋଗ | ଅନୁମୋଦିତ ଔଷଧ | ମାତ୍ରା (ପ୍ରତି କି.ଗ୍ରା. ବିହନ/ ପ୍ରତି ଲିଟର ପାଣିରେ) |
|---|---|---|
| ପତ୍ରପୋଡ଼ା ରୋଗ | କ୍ୟାପ୍‌ଟାନ୍ (ବିହନ ବିଶୋଧନ)<br>ମେଟାଲେକ୍ସିଲ୍+ମାଙ୍କୋଜେବ | ୨.୫ଗ୍ରା./ପ୍ରତି କି.ଗ୍ରା. ବିହନ<br>୩ ଗ୍ରାମ୍/ଲିଟର |
| ନିମ୍ନମୁଖୀ ପାଉଁଶିଆରୋଗ | ମେଟାଲେକ୍ସିଲ୍+ମାଙ୍କୋଜେବ | ୩ ଗ୍ରାମ୍/ଲିଟର |
| କାଣ୍ଡସଢ଼ା ରୋଗ | ଥିରାମ୍ (ବିହନ ବିଶୋଧନ)<br>କାର୍ବେଣ୍ଡାଜିମ୍ | ୩ ଗ୍ରାମ୍/ ପ୍ରତି କି.ଗ୍ରା.<br>୨ ଗ୍ରାମ୍/ଲିଟର |
| କଳଙ୍କି ରୋଗ | ମେଙ୍କୋଜେବ୍/ହେକ୍ସାକୋନାଜଲ୍ | ୨.୫ ଗ୍ରାମ୍/ଲିଟର |
| ଝାଉଁଳା ରୋଗ | ଥିରାମ୍ (ବିହନ ବିଶୋଧନ)<br>କାର୍ବେଣ୍ଡାଜିମ୍(ମାଟିକୁ ଭିଜାଇବା) | ୩ଗ୍ରାମ୍/ପ୍ରତି କି.ଗ୍ରା. ବିହନ<br>୨ ଗ୍ରାମ୍/ଲିଟର |

●●●







2024120394

କୃଷି ବିଜ୍ଞାନ କେନ୍ଦ୍ର, ଗଜପତି
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
Email : kvk.gajapati@ouat.ac.in